# REGIONAL NEWS UNIT, AIR CUTTACK
## Morning Bulletin (10.12 AM)
### 16 August – 2025

## ପ୍ରଧାନମନ୍ତ୍ରୀ

ବିକଶିତ ଭାରତ ରୋଜଗାର ଯୋଜନାରେ ୩ କୋଟିରୁ ଅଧିକ ଯୁବକ-ଯୁବତୀ ଉପକୃତ ହେବା ସହ ଏଥିପାଇଁ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରି ଆସନ୍ତା ଦୀପାବଳି ସୁଦ୍ଧା ଦେଶରେ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ପ୍ରଚଳନ ହେବ ବୋଲି ଶ୍ରୀ ମୋଦୀ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସାମୁଦ୍ରିକ ସମ୍ପଦର ବ୍ୟବହାର ପାଇଁ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ ଆରମ୍ଭ କରାଯିବ।

**V/O - (PM)**

## ମୁଖ୍ୟମନ୍ତ୍ରୀ- ଭାରତୀୟମ୍

ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାନ୍ ଦେଶଭକ୍ତଙ୍କ ଦେଶାତ୍ମବୋଧକ କବିତା ଓ ସଂଗୀତ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାତୀୟତାବାଦର ଚେତନା ଜାଗ୍ରତ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଦେଶାତ୍ମବୋଧକ ସଂଗୀତ ଉତ୍ସବ ***ଭାରତୀୟମ୍*** ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମାଜରେ କୌଣସି ପରିବର୍ତ୍ତନ ଆସିଲେ ଲେଖକ ଓ କଳାକାରମାନଙ୍କୁ ପ୍ରଥମେ ଆଭାସ ଆସିଥାଏ । ଗୀତ ସଂଗୀତ ଅନନ୍ୟ ଶାଶ୍ୱତ ଓ ଚିରନ୍ତନ ବୋଲି ଶ୍ରୀ ମାଝୀ

କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘରେ ଘରେ ତ୍ରିରଙ୍ଗା ଅଭିଯାନର ଫଟୋ ଓ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।

## ଉପମୁଖ୍ୟମନ୍ତ୍ରୀ-ସୁଭଦ୍ରା ପ୍ଲସ୍

ରାଜ୍ୟରେ ସର୍ବପ୍ରଥମେ କଟକ ଜିଲ୍ଲାରେ ସୁଭଦ୍ରା ପ୍ଲସ୍ ଯୋଜନା ଆରମ୍ଭ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । କଟକ ବାରବାଟୀ ଷ୍ଟାଡିୟମଠାରେ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଉଦ୍ୟୋଗୀ ମହିଳାମାନଙ୍କ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି, ସରଞ୍ଜାମ କ୍ରୟ ପାଇଁ ସୁଭଦ୍ରା ପ୍ଲସ୍ ବେଶ୍ ସହାୟକ ହୋଇପାରିବ । ମହିଳା ସମୂହକୁ ଶକ୍ତିଶାଳୀ କରିବା, କୁଟୀର ଶିଳ୍ପକୁ ଅଗ୍ରାଧିକାର ଦେବା, ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ ବୃଦ୍ଧି କରିବା ସହ ବଜାର ଉପଲବ୍ଧ କରି ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଶ୍ରୀମତୀ ପରିଡ଼ା କଟକ ସହରର ମାତାମଠସ୍ଥିତ ସିଲ୍‌ଭରସିଟି ବୋଟିଂ କ୍ଲବର ବିକାଶ ପାଇଁ ୫ କୋଟି ଓ ଭିତ୍ତିଭୂମିର ଉନ୍ନତି ପାଇଁ ୧୧ କୋଟି ୫୦ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି ।

## ସଂସ୍କୃତିମନ୍ତ୍ରୀଙ୍କ ଗସ୍ତ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୁବର୍ଣ୍ଣପୁର ଜିଲ୍ଲାର ସନ୍ଥ ଭୀମଭୋଇଙ୍କ ସମାଧିପୀଠ ସହ ପାତାଳୀ ଶ୍ରୀକ୍ଷେତ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ସନ୍ଥକବିଙ୍କ ଜୟନ୍ତୀର ୧୭୫ ବର୍ଷ ପୂର୍ତ୍ତି ସମାରୋହକୁ ସର୍ବବ୍ୟାପୀ ପାଳନ କରାଯିବ । ସନ୍ଥକବିଙ୍କ ସାହିତ୍ୟକୃତିର ଡିଜିଟାଇଜେସନ୍ ହେବ । ସନ୍ଥକବିଙ୍କ ସମାଧିପୀଠରେ ସାମଗ୍ରିକ ବିକାଶ ପାଇଁ

ଖସଡ଼ା ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ଶ୍ରୀ ସୂରଜ ପାତାଳୀ ଶ୍ରୀକ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ ଏବଂ ଏହାକୁ ଅଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀରେ ବିକଶିତ କରିବା ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି ।

---

## ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ଆଜି ନନ୍ଦୋତ୍ସବ ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତି ସରିବା ପରେ ମହାଜନ ସେବାୟତମାନେ ରାମକୃଷ୍ଣ ଓ ଦକ୍ଷିଣ ଘରୁ ମଦନମୋହନଙ୍କୁ ଜଗମୋହନରେ ଅବସ୍ଥାପିତ ଦୋଳିରେ ବିଜେ କରାଇବେ । ମଇଲମ ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠୀ ଓ ମାର୍କଣ୍ଡ ପୂଜା ହେବ । ପରେ ପରେ ରାମକୃଷ୍ଣ ଓ ମଦନମୋହନଙ୍କୁ ଦୋଳିରୁ ଓହ୍ଲାଇ ଆଣି ପତିମହାପାତ୍ରେ ଖଟ ଉପରେ ବିଜେ କରାଇବେ । ଭିତରଛୁ ମହାପାତ୍ର  ନନ୍ଦରାଜା ରୂପରେ ଶ୍ରୀନଅରକୁ ଯାଇ ଫେରିବା ପରେ ସ୍ନାନମଣ୍ଡପ ଉପରେ ବସିବେ । ଏହାପରେ ମା' ଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଗାଈଦୁହାଁ ପରମ୍ପରା ସମ୍ପାଦିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ଏନ୍.ଏଚ୍.ଏ.ଆଇ.- ଫାସ୍‌ଟ୍ୟାଗ୍ ଆନୁଆଲ୍ ପାସ୍

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ. ଗତକାଲିଠାରୁ ଦେଶର ପ୍ରାୟ ୧ ହଜାର ୧୫୦ଟି ଟୋଲ୍ ପ୍ଲାଜାରେ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ସୁବିଧା କାର୍ଯ୍ୟକାରୀ କରିଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସୁବିଧା କାର୍ଯ୍ୟକାରୀ ହେବାର ପ୍ରଥମ ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୧ ଲକ୍ଷ ୪୦ ହଜାରରୁ

ଅଧିକ ଉପଭୋକ୍ତା ବାର୍ଷିକ ପାସ୍ କିଣି ସକ୍ରିୟ କରିଛନ୍ତି । ପାସ୍ ବ୍ୟବହାରକାରୀମାନଙ୍କୁ ସୂଚନା ଦେବାଲାଗି ପ୍ରତ୍ୟେକ ଟୋଲ୍ ପ୍ଲାଜାରେ ଏନ୍.ଏଚ୍.ଏ.ଆଇ. ଅଧିକାରୀ ଓ ନୋଡାଲ୍ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି ।

---

## ଫୁଟ୍‌ବଲ୍

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍ ଖେଳପଡ଼ିଆରେ ଅନୁଷ୍ଠିତ ରାଜା ଅନୁପ ସିଂଦେଓ ମେମୋରିଆଲ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ଯମଖୁନ୍ତା ଦଳ ୪-୧ ଗୋଲ୍‌ରେ ବଲାଙ୍ଗୀର ଦଳକୁ ପରାସ୍ତ କରିଛି । କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

---

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟରେ ଜୁନ୍ ମାସ ୧ ତାରିଖରୁ ଗତକାଲି ପର୍ଯ୍ୟନ୍ତ ୬୮୯ ଦଶମିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ଏହି ସମୟ ମଧ୍ୟରେ ସାମାନ୍ୟ ବର୍ଷାର ପରିମାଣ ୭୩୭ ଦଶମିକ ୧ ମିଲିମିଟର ରହିଛି ।

---